# NATIONAL NEWS BULLETIN (ODIA)

## 14 September - 2024

## Morning Bulletin : 7.15 a.m.

********************************

## ମୁଖ୍ୟ ସମ୍ବାଦ

- ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଝାଡ଼ଖଣ୍ଡର ଜାମସେଦପୁର ଠାରେ ଆସନ୍ତାକାଲି ୬ଟି ବନ୍ଦେ ଭାରତ ଏକ୍ସପ୍ରେସ୍ ଟ୍ରେନ୍ ଚଳାଚଳର କରିବେ ଶୁଭାରମ୍ଭ ।
- ସମଗ୍ର ଦେଶରେ ଆଜି ପାଳିତ ହେଉଛି ହିନ୍ଦୀ ଦିବସ ।

– ସରକାରୀ ଭାଷା ହୀରକ ଜୟନ୍ତୀ ଉତ୍ସବକୁ ଉଦ୍‌ଘାଟନ କରିବେ ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହା ।

- ଉପରାଷ୍ଟ୍ରପତି ଜଗଦୀପ ଧନଖଡ଼ଙ୍କର ଆଜିଠାରୁ ଦୁଇଦିନିଆ ମହାରାଷ୍ଟ୍ର ଗସ୍ତ ।
- ଜାମ୍ମୁ କାଶ୍ମୀର ଏବଂ ହରିଆଣା ବିଧାନସଭା ନିର୍ବାଚନ ପାଇଁ ଜୋର୍ ଧରିଲା ପ୍ରଚାର କାର୍ଯ୍ୟ ।

ଏବଂ

- ପୁରୁଷ ଏସିଆନ୍ ହକି ଚାମ୍ପିୟନ୍ସ ପ୍ରତିଯୋଗିତାରେ ଆଜି ଭାରତ ପାକିସ୍ତାନ ମଧ୍ୟରେ ଗ୍ରୁପ୍ ପର୍ଯ୍ୟାୟ ମୁକାବିଲା ।

# ପିଏମ୍-ବନ୍ଦେ ଭାରତ

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଝାଡ଼ଖଣ୍ଡର ଜାମସେଦପୁର ଠାରେ ଆସନ୍ତାକାଲି ୬ଟି ବନ୍ଦେ ଭାରତ ଏକ୍ସପ୍ରେସ୍ ଟ୍ରେନ୍ ଚଳାଚଳର ଶୁଭାରମ୍ଭ କରିବେ । ରେଳ ଭିତ୍ତିଭୂମିରେ ଉନ୍ନତି ଆଣିବା ଲକ୍ଷ୍ୟରେ ଏହି ଅବସରରେ ଝାଡ଼ଖଣ୍ଡରେ ପ୍ରଧାନମନ୍ତ୍ରୀ ଅନେକ ରେଳ ପ୍ରକଳ୍ପର ଲୋକାର୍ପଣ କରିବେ । ଏହି ଟ୍ରେନ୍ ଗୁଡ଼ିକ ଝାଡ଼ଖଣ୍ଡ ଏବଂ ପଡ଼ୋଶୀ ରାଜ୍ୟ ଗୁଡ଼ିକ ମଧ୍ୟରେ ଯୋଗାଯୋଗକୁ ଅଧିକ ସୁଦୃଢ଼ କରିବ । ବନ୍ଦେ ଭାରତ ଏକ୍ସପ୍ରେସ୍ ଟ୍ରେନ୍ ଚଳାଚଳ ମାଧ୍ୟମରେ ଭାରତୀୟ ରେଳବାଇକୁ ଏକ ବିଶ୍ୱସ୍ତରୀୟ ସଂସ୍ଥାରେ ପରିଣତ କରିବା ଲାଗି ସରକାର ଲକ୍ଷ୍ୟ ଧାର୍ଯ୍ୟ କରିଛନ୍ତି । ରେଳ ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ଆଜି ସନ୍ଧ୍ୟାରେ ଟାଟା ନଗର ରେଳ ଷ୍ଟେସନ୍ ପରିଦର୍ଶନ କରିବା ସହ ସେଠାରେ ଆସନ୍ତାକାଲିର କାର୍ଯ୍ୟକ୍ରମ ନେଇ ପ୍ରସ୍ତୁତିର ସମୀକ୍ଷା କରିବେ । ପ୍ରଧାନମନ୍ତ୍ରୀ ଶ୍ରୀ ମୋଦୀ ଆସନ୍ତାକାଲି ଜାମସେଦପୁର ସ୍ଥିତ ଗୋପାଲ ପଡ଼ିଆ ଠାରେ ଏକ ସାଧାରଣ ସଭାକୁ ସମ୍ବୋଧନ କରିବାର କାର୍ଯ୍ୟସୂଚୀ ରହିଛି । ଏଥିସହ ପ୍ରଧାନମନ୍ତ୍ରୀ ଦେଢ଼ କିଲୋମିଟର ଦୀର୍ଘ ଏକ ରୋଡ୍ ଶୋ'ରେ ଅଂଶଗ୍ରହଣ କରିବେ ।

# ହିନ୍ଦୀ ଦିବସ - ଅମିତ ଶାହା

ସମଗ୍ର ଦେଶରେ ଆଜି ହିନ୍ଦୀ ଦିବସ ପାଳନ କରାଯାଉଛି । ୧୯୪୯ ମସିହା ଆଜିର ଦିନରେ ସମ୍ବିଧାନ ସଭା ଦେବ ନାଗରୀ ଲିପିରେ ଲିଖିତ ହିନ୍ଦୀକୁ ଦେଶର ସରକାରୀ ଭାଷା ଭାବେ ଗ୍ରହଣ କରିଥିଲା । ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହା ଆଜି ନୂଆଦିଲ୍ଲୀ ଠାରେ ଚତୁର୍ଥ ଅଖିଳ ଭାରତୀୟ ରାଜଭାଷା ସମ୍ମେଳନ ଏବଂ ସରକାରୀ ଭାଷା ହୀରକ ଜୟନ୍ତୀ ଉତ୍ସବର ଉଦ୍‌ଘାଟନୀ ସମାରୋହରେ ଉଦ୍‌ବୋଧନ ଦେବେ । ଦେଶରେ ହିନ୍ଦୀକୁ ସରକାରୀ ଭାଷାର ମାନ୍ୟତା ଦେବାର ୭୫ ବର୍ଷ ପୂର୍ତ୍ତି ଅବସରରେ ସରକାରୀ ଭାଷା ବିଭାଗ ଦ୍ୱାରା ଏହି ସମ୍ମିଳନୀ ଆୟୋଜନ କରାଯାଇଛି । ଏହି ଅବସରରେ ଶ୍ରୀ ଶାହା ରାଜଭାଷା ଭାରତୀ ମ୍ୟାଗାଜିନ୍‌ର ହୀରକ ଜୟନ୍ତୀ ସ୍ୱତନ୍ତ୍ର ସଂସ୍କରଣର ଶୁଭାରମ୍ଭ କରିବେ । ଏଥିସହିତ ସ୍ୱରାଷ୍ଟ୍ର ମନ୍ତ୍ରୀ ରାଜଭାଷା ଗୌରବ ଓ ରାଜଭାଷା କୀର୍ତ୍ତି ପୁରସ୍କାର ମଧ୍ୟ ପ୍ରଦାନ କରିବେ ।

# ଉପରାଷ୍ଟ୍ରପତି-ମହାରାଷ୍ଟ୍ର ଗସ୍ତ

ଉପରାଷ୍ଟ୍ରପତି ଜଗଦୀପ ଧନଖଡ଼ ଆଜିଠାରୁ ଦୁଇଦିନିଆ ମହାରାଷ୍ଟ୍ର ଗସ୍ତରେ ଯାଉଛନ୍ତି । ଭିଡ଼ିଓ କନ୍‌ଫରେନ୍ସିଂ ମାଧ୍ୟମରେ ଶ୍ରୀ ଧନଖଡ଼ ରାଜ୍ୟର ୪୩୪ଟି  ଶିଳ୍ପ ତାଲିମ୍ ଅନୁଷ୍ଠାନରେ ସମ୍ବିଧାନ ଟେମ୍‌ପ୍ଲେସ୍ ପ୍ରତିଷ୍ଠା କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିବେ । ମୁମ୍ବାଇର ଏଲ୍‌ଫିନ୍‌ଷ୍ଟୋ

ବୈଷୟିକ କଲେଜ୍ ପରିସରରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ । ଭାରତୀୟ ସମ୍ବିଧାନର ମହତ୍ୱ ଏବଂ ଏହାର ପବିତ୍ରତା ସମ୍ପର୍କରେ ଛାତ୍ରଛାତ୍ରୀଙ୍କୁ ସଚେତନ କରାଇବା ତଥା ସମ୍ବିଧାନ ପ୍ରଣେତା ଭାରତର ରତ୍ନ ଡକ୍ଟର ବି.ଆର୍. ଆମ୍ବେଦକରଙ୍କ ଚିନ୍ତାଧାରାକୁ ପ୍ରଚାର ଏବଂ ପ୍ରସାର କରିବା ଲକ୍ଷ୍ୟରେ ଏହି ଟେମ୍ପ୍ଲେସ୍ ଗୁଡ଼ିକୁ ପ୍ରତିଷ୍ଠା କରାଯାଇଛି । ଉପରାଷ୍ଟ୍ରପତି ନାଗପୁର ଗସ୍ତରେ ଯାଇ ରାମଦେଓ ବାବା ବିଶ୍ୱବିଦ୍ୟାଳୟର ଡିଜିଟାଲ୍ ଟାୱାର୍‌କୁ ଉଦ୍‌ଘାଟନ କରିବାର କାର୍ଯ୍ୟସୂଚୀ ରହିଛି ।

## ଶାହା-ଜାତୀୟ ସୁରକ୍ଷା ପରିଷଦ ସମ୍ମିଳନୀ

ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହା ନୂଆଦିଲ୍ଲୀ ଠାରେ ଗତକାଲି ସପ୍ତମ ଜାତୀୟ ସୁରକ୍ଷା ରଣନୀତି ସମ୍ମିଳନୀ ୨୦୨୪କୁ ଉଦ୍‌ଘାଟନ କରିଛନ୍ତି । ଦୁଇ ଦିନ ଧରି ଚାଲିଥିବା ଏହି ସମ୍ମିଳନୀରେ ରାଜ୍ୟ, କେନ୍ଦ୍ର ଶାସିତ ଅଞ୍ଚଳ, କେନ୍ଦ୍ରୀୟ ସଶସ୍ତ୍ର ପୁଲିସ୍ ବାହିନୀ ଏବଂ କେନ୍ଦ୍ରୀୟ ପୁଲିସ୍ ସଂଗଠନର ଶୀର୍ଷ ନେତୃତ୍ୱଙ୍କ ସହ ଜାତୀୟ ନିରାପତ୍ତା ଆହ୍ୱାନର ମୁକାବିଲା ଲକ୍ଷ୍ୟରେ ଏକ ରୋଡ୍‌ମ୍ୟାପ୍ ପ୍ରସ୍ତୁତ କରାଯିବ । ଏହି ଅବସରରେ ଗତକାଲି ଶ୍ରୀ ଶାହା ଡି.ଜି. ଏବଂ ଆଇ.ଜି. ସମ୍ମିଳନୀର ସୁପାରିଶ ଭିତ୍ତିରେ ପ୍ରସ୍ତୁତ କରାଯାଇଥିବା ଡ୍ୟାସ୍‌ବୋର୍ଡ୍‌ର ଶୁଭାରମ୍ଭ କରିଥିଲେ । ନ୍ୟାସନାଲ୍ କ୍ରାଇମ୍ ରେକର୍ଡ୍ ବ୍ୟୁରୋ ପକ୍ଷରୁ ଏହି ଡ୍ୟାସ୍‌ବୋର୍ଡ୍ ପ୍ରସ୍ତୁତ କରାଯାଇଛି ।

ଆଭାସୀ ତଥା ବ୍ୟକ୍ତିଗତ ଉପସ୍ଥିତିକୁ ମିଶାଇ ସମଗ୍ର ଦେଶରୁ ସାଢ଼େ ୭୦୦ରୁ ଅଧିକ ଅଧିକାରୀ ଏହି କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରୁଛନ୍ତି । ଏହି କାର୍ଯ୍ୟକ୍ରମର ଅବ୍ୟବହିତ ପୂର୍ବରୁ ସ୍ୱରାଷ୍ଟ୍ର ମନ୍ତ୍ରୀ ସହିଦ ସ୍ମୃତି ସ୍ତମ୍ଭରେ ପୁଷ୍ପମାଲ୍ୟ ଅର୍ପଣ କରିବା ସହ ବୀର ସହିଦ୍‌ଙ୍କ ଉଦ୍ଦେଶ୍ୟରେ ଶ୍ରଦ୍ଧାଞ୍ଜଳୀ ଅର୍ପଣ କରିଥିଲେ ।

# ସରକାର-ପିଆଜ

ପିଆଜ ରପ୍ତାନୀ ପାଇଁ ଧାର୍ଯ୍ୟ ସର୍ବନିମ୍ନ ମୂଲ୍ୟ ସୀମାକୁ  ସରକାର ପ୍ରତ୍ୟାହାର କରିଛନ୍ତି । ବୈଦେଶିକ ବାଣିଜ୍ୟ ମହାନିର୍ଦ୍ଦେଶାଳୟ ଡି.ଜି.ଏଫ୍.ଟି. ପକ୍ଷରୁ ଏ ସମ୍ପର୍କିତ ବିଜ୍ଞପ୍ତି ପ୍ରକାଶ ପାଇଛି । ପୂର୍ବରୁ ବିଦେଶରେ ପିଆଜ ବିକ୍ରି ଉପରେ  କଟକଣା ଲଗାଇବା ପାଇଁ ସରକାର ଟନ୍ ପିଛା ସର୍ବନିମ୍ନ ୫୫୦ ଆମେରିକୀୟ ଡଲାର୍ ରପ୍ତାନୀ ମୂଲ୍ୟ ଧାର୍ଯ୍ୟ କରିଥିଲେ । ଏହି ପରିବର୍ତ୍ତିତ ନିଷ୍ପତ୍ତି ଦ୍ୱାରା ଭାରତୀୟ କୃଷକ ବିଶ୍ୱ ବଜାର ସ୍ଥିତିର ଫାଇଦା ଉଠାଇବାକୁ ସକ୍ଷମ ହେବେ । ଏହାଦ୍ୱାରା ରପ୍ତାନୀ ସୁଯୋଗ ବୃଦ୍ଧି ପାଇବା ସହ ସମ୍ଭାବ୍ୟ ଘରୋଇ ମୂଲ୍ୟ ମଧ୍ୟ ସ୍ଥିର ରହିବ ବୋଲି ଆକଳନ କରାଯାଇଛି ।

# ନିର୍ବାଚନ ପ୍ରଚାର

ଜାମ୍ମୁ କାଶ୍ମୀର ଓ ହରିଆନା ବିଧାନସଭା ନିର୍ବାଚନ ପାଇଁ ପ୍ରଚାର କାର୍ଯ୍ୟ ଜୋର୍ ଧରିଛି । ପ୍ରଥମ ପର୍ଯ୍ୟାୟରେ ଆସନ୍ତା ୧୮ ତାରିଖ ଦିନ ଜାମ୍ମୁ କାଶ୍ମୀରର ୨୪ଟି ବିଧାନସଭା ମଣ୍ଡଳୀ ପାଇଁ ମତଗ୍ରହଣ କରାଯିବ । ବିଭିନ୍ନ ରାଜନୈତିକ ଦଳର ତୁଙ୍ଗ ନେତୃବୃନ୍ଦ ନିଜ ନିଜ ପ୍ରାର୍ଥୀଙ୍କ ସପକ୍ଷରେ ପ୍ରଚାର କାର୍ଯ୍ୟକୁ ତ୍ୱରାନ୍ୱିତ କରିଛନ୍ତି । ପ୍ରଧାନମନ୍ତ୍ରୀ ତଥା ବିଜେପିର ବରିଷ୍ଠ ନେତା ନରେନ୍ଦ୍ର ମୋଦୀ ଆଜି ଡୋଡା ଜିଲ୍ଲାରେ ନିର୍ବାଚନୀ ରାଲିକୁ ସମ୍ବୋଧନ କରିବେ ।

କଂଗ୍ରେସ ଏବଂ ଜାତୀୟ କନ୍‌ଫରେନ୍ସ ପକ୍ଷରୁ ମଧ୍ୟ ଦଳୀୟ ପ୍ରାର୍ଥୀଙ୍କ ସପକ୍ଷରେ ପ୍ରଚାର କାର୍ଯ୍ୟ ପାଇଁ କେତୋଟି ନିର୍ବାଚନୀ ରାଲିର ଆୟୋଜନ କରାଯାଇଛି । ଜାମ୍ମୁ କାଶ୍ମୀରରେ ଅନୁଷ୍ଠିତ ହେବାକୁ ଥିବା ମତଗ୍ରହଣର ଦ୍ୱିତୀୟ ପର୍ଯ୍ୟାୟରେ ଆସନ୍ତା ୨୫ ତାରିଖ ଏବଂ ତୃତୀୟ ପର୍ଯ୍ୟାୟରେ ଆସନ୍ତା ମାସ ପହିଲାରେ ମତଗ୍ରହଣ କରାଯିବ ।

ସେହିଭଳି ହରିଆଣାରେ ମଧ୍ୟ ନିର୍ବାଚନ ପ୍ରଚାର ଜୋର୍ ଧରିଛି । ପ୍ରଧାନମନ୍ତ୍ରୀ ତଥା ବରିଷ୍ଠ ବିଜେପି ନେତା ଶ୍ରୀ ମୋଦୀ ଆଜି ହରିଆଣାରୁ ଦଳୀୟ ପ୍ରଚାରର ଶୁଭାରମ୍ଭ କରିବେ । ଅପରାହ୍ଣରେ କୁରୁ କ୍ଷେତ୍ରର ଥିମ୍‌ପାର୍କ୍ ଠାରେ ଏକ ଜନସଭାରେ ସମ୍ବୋଧନ କରିବାର କାର୍ଯ୍ୟସୂଚୀ ରହିଛି । ୯୦ ଆସନ ବିଶିଷ୍ଟ ହରିଆଣା ବିଧାନସଭା ପାଇଁ ଆସନ୍ତା ମାସ ୫ ତାରିଖରେ ଭୋଟ୍ ଗ୍ରହଣ କରାଯିବ ।

# ସ୍ୱଚ୍ଛତା ସେବା ଅଭିଯାନ

ସ୍ୱଚ୍ଛତା ହିଁ ସେବା ଅଭିଯାନ ୨୦୨୪ ଆସନ୍ତା ୧୭ ତାରିଖରୁ ଅକ୍ଟୋବର ୨ ତାରିଖ ପର୍ଯ୍ୟନ୍ତ ସମଗ୍ର ଦେଶରେ ପାଳନ କରାଯିବ । ଚଳିତ ବର୍ଷର ବିଷୟବସ୍ତୁ ରହିଛି 'ସ୍ୱଭାବ ସ୍ୱଚ୍ଛତା–ସଂସ୍କାର ସ୍ୱଚ୍ଛତା' । ଚଳିତ ବର୍ଷ ସ୍ୱଚ୍ଛ ଭାରତ ମିଶନ୍‌ର ଦଶମ ବାର୍ଷିକୀ ପାଳନ ଅବସରରେ ଏହି ଅଭିଯାନର ଆରମ୍ଭ କରାଯାଇଛି । ଏହି ପରିପ୍ରେକ୍ଷୀରେ ଗୃହ ନିର୍ମାଣ ଓ ସହରାଞ୍ଚଳ ବ୍ୟାପାର ମନ୍ତ୍ରୀ ମନୋହରଲାଲ କହିଛନ୍ତି, ଏହି ଅଭିଯାନ ପାଳନ ଅବସରରେ ସମଗ୍ର ଦେଶରେ ୨ଲକ୍ଷ ସ୍ୱଚ୍ଛତା ଲକ୍ଷ୍ୟ ୟୁନିଟ୍ ସି.ଟି.ୟୁ. ସ୍ଥାପନ ପାଇଁ ପଦକ୍ଷେପ ନିଆଯିବ । ଜିଲ୍ଲା ସ୍ତରରେ ସ୍ୱଚ୍ଛାସେବୀ ସଂଗଠନ ତଥା ବିଭିନ୍ନ ବେସରକାରୀ ଅନୁଷ୍ଠାନକୁ ଏହି ୟୁନିଟ୍‌ରେ ସାମିଲ କରାଯିବା ନେଇ ବ୍ୟବସ୍ଥା ହୋଇଛି । ସଫାଇ ମିତ୍ର ସୁରକ୍ଷା ଶିବିରମାନ ଆୟୋଜନ କରାଯାଇ ସ୍ୱାସ୍ଥ୍ୟ ଏବଂ ପରିମଳ ସଂକ୍ରାନ୍ତ କଲ୍ୟାଣକାରୀ କାର୍ଯ୍ୟକ୍ରମ ଗୁଡ଼ିକୁ ପ୍ରୋତ୍ସାହିତ କରାଯିବ ବୋଲି ମନ୍ତ୍ରୀ ଶ୍ରୀ ଲାଲ କହିଛନ୍ତି । କେନ୍ଦ୍ର ଜଳଶକ୍ତି ମନ୍ତ୍ରୀ ସି.ଆର୍. ପାଟିଲ ଏହି ଅବସରରେ କହିଛନ୍ତି, ୨୦୧୪ ମସିହାରୁ ବର୍ତ୍ତମାନ ସୁଦ୍ଧା ଦେଶରେ ୧୧ କୋଟି ଶୌଚାଳୟ ନିର୍ମାଣ କରାଯାଇ ସାରିଛି । ଏହାଦ୍ୱାରା ୬୦ କୋଟି ଲୋକ ଉପକୃତ ହୋଇଛନ୍ତି ।

## ସରକାର-ବାସ୍ମତି ଚାଉଳ

ବାସୁମତି ଚାଉଳ ରପ୍ତାନୀ ପାଇଁ ପଞ୍ଜିକରଣ ତଥା ଆବଣ୍ଟନ ପ୍ରମାଣପତ୍ର ପ୍ରଦାନ ସକାଶେ ଧାର୍ଯ୍ୟ ସର୍ବନିମ୍ନ ରପ୍ତାନୀ ମୂଲ୍ୟ ୯୫୦ ଡଲାର୍‌କୁ ସରକାର ପ୍ରତ୍ୟାହାର କରିନେଇଛନ୍ତି । ବାଣିଜ୍ୟ ଓ ଶିଳ୍ପ ମନ୍ତ୍ରୀ ପୀୟୂଷ ଗୋୟଲ ସାମାଜିକ ଗଣମାଧ୍ୟମ ପୋଷ୍ଟରେ ଏହି ନିଷ୍ପତ୍ତିର ପ୍ରଶଂସା କରି କହିଛନ୍ତି, ଏହାଦ୍ୱାରା ଉନ୍ନତମାନର ଚାଉଳ ରପ୍ତାନୀ ସହ କୃଷକଙ୍କର ରୋଜଗାର ବୃଦ୍ଧି ପାଇବ । ଏଭଳି ନିଷ୍ପତ୍ତି କେନ୍ଦ୍ର ସରକାରଙ୍କ କୃଷକଙ୍କ ପ୍ରତି ଥିବା ସମ୍ବେଦନଶୀଳତାକୁ ପ୍ରମାଣିତ କରୁଛି ବୋଲି ସେ କହିଛନ୍ତି । ବାସୁମତି ରପ୍ତାନୀ ଲାଗି ହେଉଥିବା ଚୁକ୍ତି ଗୁଡ଼ିକ ଉପରେ ତୀକ୍ଷ୍ଣ ନଜର ରଖିବା ପାଇଁ କୃଷି ଓ ପ୍ରକ୍ରିୟାକୃତ ଖାଦ୍ୟ ଉତ୍ପାଦ ରପ୍ତାନୀ ଉନ୍ନୟନ କର୍ତ୍ତୃପକ୍ଷଙ୍କୁ ବାଣିଜ୍ୟ ଓ ଶିଳ୍ପ ମନ୍ତ୍ରଣାଳୟ ଅନୁରୋଧ କରିଛି ।

## ମନସୁଖ ମାଣ୍ଡବ୍ୟ

ଯୁବ ବ୍ୟାପାର ଓ କ୍ରୀଡ଼ା ମନ୍ତ୍ରୀ ଡକ୍ଟର ମନସୁଖ ମାଣ୍ଡବ୍ୟ ସରକାରଙ୍କ ଦ୍ୱାରା ନୂତନ ଭାବେ ଶୁଭାରମ୍ଭ କରାଯାଇଥିବା ଅବସରପ୍ରାପ୍ତ କ୍ରୀଡ଼ାବିତ୍ ସଶକ୍ତ ତାଲିମ୍ – ରିସେଟ୍ କାର୍ଯ୍ୟକ୍ରମରେ ଭାଗ ନେବା ଲାଗି ଯୋଗ୍ୟ ଖେଳାଳିମାନଙ୍କୁ ଆହ୍ୱାନ ଦେଇଛନ୍ତି । ୨୦ରୁ ୫୦ ବର୍ଷ ବୟସ୍କ ଅବସରପ୍ରାପ୍ତ ଖେଳାଳି ଯିଏକି ଆନ୍ତର୍ଜାତିକ, ଜାତୀୟ ତଥା ରାଜ୍ୟ ସ୍ତରୀୟ

ପଦକ ଜିତିଥିବେ କିମ୍ବା ଏହିସବୁ ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିବେ – ସେହି ଖେଳାଳିମାନେ ଏହି କାର୍ଯ୍ୟକ୍ରମରେ ନିଜକୁ ସାମିଲ କରିବା ଲାଗି ଯୋଗ୍ୟ ବିବେଚିତ ହେବେ । କ୍ରୀଡ଼ାକୁ ପ୍ରୋତ୍ସାହନ ଦେବା ଦିଗରେ ସରକାରଙ୍କ ପ୍ରତିଶ୍ରୁତିବଦ୍ଧତା ଉପରେ ଆଲୋକପାତ କରି ଡକ୍ଟର ମାଣ୍ଡବ୍ୟ କହିଛନ୍ତି, ଦେଶର ଅବସରପ୍ରାପ୍ତ କ୍ରୀଡ଼ାବିତ୍‌ମାନଙ୍କୁ ଚିହ୍ନଟ କରି ସଶକ୍ତ କରିବା ଦିଗରେ ଏହି ରିସେଟ୍ କାର୍ଯ୍ୟକ୍ରମ ଅନେକ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିବ ବୋଲି ସେ କହିଛନ୍ତି । କ୍ରୀଡ଼ା ମନ୍ତ୍ରୀ କହିଛନ୍ତି, ଅବସରପ୍ରାପ୍ତ ଖେଳାଳିମାନଙ୍କର ଦକ୍ଷତା ଏବଂ ଅଭିଜ୍ଞତା ମାଧ୍ୟମରେ ଯୁବ କ୍ରୀଡ଼ା ପ୍ରତିଭାମାନଙ୍କୁ ଲାଭାନ୍ୱିତ କରିବା ହେଉଛି ଏହି କାର୍ଯ୍ୟକ୍ରମର ଅନ୍ୟ ଏକ ଲକ୍ଷ୍ୟ ।

## ଏମ୍‌ଓୟୁ-ଏଫ୍‌ସିଆଇ

ଦେଶରେ ଖାଦ୍ୟଶସ୍ୟ ସଂଗ୍ରହ ବିତରଣ ଏବଂ ବିତରଣ ପ୍ରକ୍ରିୟାକୁ ଅଧିକ ସ୍ୱଚ୍ଛ ଓ କ୍ଷମତାପନ୍ନ କରିବା ଉଦ୍ଦେଶ୍ୟରେ ଖାଦ୍ୟ ଓ ସାଧାରଣ ବଣ୍ଟନ ବିଭାଗ ଏବଂ ଭାରତୀୟ ଖାଦ୍ୟ ନିଗମ ମଧ୍ୟରେ ଏକ ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଛି । ଏ ସମ୍ପର୍କରେ ଖାଉଟି ବ୍ୟାପାର, ଖାଦ୍ୟ ଓ ସାଧାରଣ ବଣ୍ଟନ ମନ୍ତ୍ରଣାଳୟ ପକ୍ଷରୁ ଜାରି କରାଯାଇଥିବା ଏକ ବିବୃତ୍ତିରେ କୁହାଯାଇଛି, ଦେଶରେ ଖାଦ୍ୟ ନିରାପତ୍ତା ଯୋଜନା ଏବଂ ଏ ସମ୍ପର୍କିତ

ପାଣ୍ଠିକୁ ଉତ୍ତମରୂପେ ପରିଚାଳନା କରିବା ସହିତ ଏ କ୍ଷେତ୍ରରେ ସ୍ୱଚ୍ଛତା ବୃଦ୍ଧି କରିବା ଲାଗି ସରକାର ଏଭଳି ପଦକ୍ଷେପ ନେଇଛନ୍ତି । ଏହାଛଡ଼ା ଖାଦ୍ୟ ରିହାତି ପାଣ୍ଠିର ଉତ୍ତମ ପରିଚାଳନା ସୁନିଶ୍ଚିତ କରିବା ସହିତ ଭାରତୀୟ ଖାଦ୍ୟ ନିଗମର  କାର୍ଯ୍ୟ ଶୈଳୀକୁ ଅଧିକ ସୁସଂହତ କରିବା ଏହାର ଉଦ୍ଦେଶ୍ୟ ବୋଲି ଏହି ବିବୃତ୍ତିରେ କୁହାଯାଇଛି ।